ସକାଳ
THE SAKALA

## 'ସେବକ' ୱିଣ୍ଟର କନକ୍ଲେଭ-୨୦୨୩

# ନିଃସ୍ୱ, ଅବହେଳିତଙ୍କ ପାଇଁ 'ସେବକ' ପ୍ରତିଶ୍ରୁତିବଦ୍ଧ

ସୁନ୍ଦରଗଡ଼, ୨୩।୧୨(ସମିସ)

ଉତ୍କୃଷ୍ଟତାର ସମ୍ମାନ, ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହୋଇଥିବା ସଫଳତାର ବ୍ୟାଖ୍ୟା, ଅନୁଭୂତି ଓ ଅଭିଜ୍ଞତାରୁ ଜ୍ଞାନ ଆହରଣ, ହିତାଧିକାରୀଙ୍କ ସଫଳତାର ନିଜସ୍ୱ ଗାଥା, ଜୀବନଜୀବିକା, ପ୍ରାକୃତିକ ସମ୍ବଳର ପରିଚାଳନା ଓ ଜଳବାୟୁ ପରିବର୍ତ୍ତନ ତଥା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନୁଷ୍ଠାନର ସଫଳତା ଓ ଅଭିନବୀକରଣର ଉପସ୍ଥାପନା ପାଇଁ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର 'ସେବକ ୱିଣ୍ଟର କନକ୍ଲେଭ-୨୦୨୩' ଶନିବାର ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମାଜର ପଛୁଆ, ଗରିବ, ଅବହେଳିତ, ଅତି ଗରିବ ଲୋକଙ୍କ ଉନ୍ନତି ନିମନ୍ତେ ସେବକର ୨୯ ବର୍ଷର ଅବିଶ୍ରାନ୍ତ ଯାତ୍ରା ଉପରେ ସୂଚନା ଦେଇ ପ୍ରତିଶ୍ରୁତିବଦ୍ଧତା ଜଣାଇଥିଲେ। ସେବକର ପ୍ରତିଷ୍ଠାତା ତଥା ନେହରୁ ଯୁବକେନ୍ଦ୍ରର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଗୋପାଳ ଚନ୍ଦ୍ର ଓଝା ସୁନ୍ଦରଗଡ଼ରେ ଯୁବ ଆନ୍ଦୋଳନ ଭୂମିକା, ସେବକର ଅଭ୍ୟୁଦୟ, ଯୁବ ସମାଜକୁ ଆତ୍ମନିର୍ଭରଶୀଳ କରିବାର ସଂଘର୍ଷ ଉପରେ ଭାବପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଝାରସୁଗୁଡ଼ା ଜିଲ୍ଲା ମଙ୍ଗଳ ଅଧିକାରୀ ଡୋମେନିକ ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ମଙ୍ଗଳ ତଥା ଅବହେଳିତଙ୍କ ସାମଗ୍ରିକ ବିକାଶରେ ସେବକ ମୁଖ୍ୟ କର୍ଣ୍ଣଧାର ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ବନଖଣ୍ଡର ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ସୁନ୍ଦରଗଡ଼ ବନଖଣ୍ଡର ସହଯୋଗୀ ଅନୁଷ୍ଠାନ ଭାବେ ଓଏଫଏସଡିପିରେ ସେବକର ଉଲ୍ଲେଖନୀୟ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବରେ ସୋଲିଡାରିଡାଡ, ଭୁବନେଶ୍ୱରର ଜ୍ଞାନରଞ୍ଜନ ଷଡ଼ଙ୍ଗୀ ଆଗାମୀ ଦିନ ପାଇଁ ରୋଡମ୍ୟାପ ପ୍ରସ୍ତୁତି ସହ ସ୍ୱାସ୍ଥ୍ୟ-ଜଳବାୟୁ ପରିବର୍ତ୍ତନ-ଜୀବିକାର ସୁଯୋଗ, ଭୌଗୋଳିକ ଜ୍ଞାନ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା, ଆନ୍ତଃ ପ୍ରକଳ୍ପ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବଳଦେବ ମହାପାତ୍ର ସମନ୍ୱିତ କୃଷି ଓ ଜୈବିକ କୃଷିର ପ୍ରସାର ତଥା ଧାନବିଲ ନିଆଁରୁ ରୋକିବା ଉପରେ କହିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ୨୦୨୩ ବର୍ଷରେ ସେବକର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଉପସ୍ଥାପନା ସହ କ୍ଲାଇମେଟ ଏସିଆ, ବ୍ୟବସ୍ଥାର ଡିଜିଟାଇଜେସନ, ପରିବର୍ତ୍ତନର ସିଦ୍ଧାନ୍ତ, ବର୍ଷାଜଳ ସଂରକ୍ଷଣ ପଦ୍ଧତି, ଜୈବିକ ଓ ପ୍ରାକୃତିକ କୃଷି ଉପରେ ଉପସ୍ଥାପନା କରିଥିଲେ।




ଏହି ଅବସରରେ ସେବକର ବାର୍ଷିକ ବିବରଣୀ ପୁସ୍ତିକା, ବିଭିନ୍ନ ବିଭାଗର ବିଷୟବସ୍ତୁ ବିବରଣୀକା ତଥା ସଞ୍ଜୁ ପଟେଲଙ୍କ ଦ୍ୱାରା ସଙ୍କଳିତ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କେସ୍ ଷ୍ଟଡି ପୁସ୍ତିକା ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଉଜ୍ଜ୍ୱଳପୁର ଟିମ ଲିଡର ଦିଗମ୍ବର ଉପାଧ୍ୟାୟଙ୍କ ଦ୍ୱାରା ଲିଖିତ ପରିବର୍ତ୍ତନର ବାସ୍ତବ କାହାଣୀ ଓ ଗୋଷ୍ଠୀର ନିଜସ୍ୱ ସ୍ୱରର ସମାହାରର ଏକ ଅଭିନବ ପୁସ୍ତିକା 'ଅନ୍ତଃସ୍ୱର' ଉନ୍ମୋଚନ କରାଯାଇଥିଲା। ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ଶ୍ରମଦାନ ମାଧ୍ୟମରେ ଔଷଧୀୟ ଉଦ୍ୟାନ ସୃଷ୍ଟି, ଫଳ ବଗିଚା ସୃଷ୍ଟି, ଚାରାରୋପଣ, ୱେବସାଇଟ ପ୍ରସ୍ତୁତି, ସାମୂହିକ ନୂଆଖାଇ ଭଳି ଅଭିନବ କାର୍ଯ୍ୟକ୍ରମ କରି ଉଦାହରଣ ସୃଷ୍ଟି କରିଥିବା ଝୁରିମାଲ ବନ ସୁରକ୍ଷା ସମିତିକୁ ଆମେରିକାର ହଷ୍ଟନ ସହରର ପ୍ରବାସୀ ଭାରତୀୟ ସଂଗଠନ ଓଡ଼ିଶା କଲଚର ସେଣ୍ଟର ଦ୍ୱାରା ପ୍ରଦତ୍ତ ଆନ୍ତର୍ଜାତିକ ସମ୍ମାନର ମାନପତ୍ର 'ସବୁଜ ସେବା ସମ୍ମାନ' ଦିଆଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରି ସଫଳତା ହାସଲ କରିଥିବା କାର୍ଯ୍ୟକର୍ତ୍ତା ଓ ପ୍ରକଳ୍ପ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ସେସନରେ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।